**ପୂରଣ ହୋଇପାରିଲାନି ଧାର୍ଯ୍ୟ ଲକ୍ଷ୍ୟ**

# ୫ ଦିନ ଆଗରୁ ଧାନ ସଂଗ୍ରହ ଶେଷ

ଭଦ୍ରକ,୨୯ ।୩(ସମିସ)

ଭଦ୍ରକ ଜିଲ୍ଲାରେ ଶେଷ ହୋଇଛି ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମ। ତେବେ ଧାନ ସଂଗ୍ରହ ଅବଧି ଶେଷ ହେବାର ୫ ଦିନ ଆଗରୁ ଜିଲ୍ଲାରେ ଶେଷ ହୋଇଛି ଧାନ ସଂଗ୍ରହ। ଆଗୁଆ ଧାନ ସଂଗ୍ରହ ଶେଷ ହୋଇ ମଧ୍ୟ ଜିଲ୍ଲା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିନି। ସରକାରଙ୍କୁ ଧାନ ଦେବାକୁ ଚାଷୀଙ୍କ ହାତରେ ଆଉ ବଳକା ଧାନ ନଥିବାରୁ ପୂରଣ ହୋଇପାରିଲାନି ଧର୍ଯ୍ୟ ଲକ୍ଷ୍ୟ। ସରକାରୀ ଧାନ ସଂଗ୍ରହରୁ ବାଦ ପଡିଲେ ୩୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ। ଯାହାକି ଭଦ୍ରକ ଜିଲ୍ଲା ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ପ୍ରତିବର୍ଷ ଜିଲ୍ଲା ପାଇଁ ଅଧିକ ଧାନ ସଂଗ୍ରହ କୋଟା ନଥିବାରୁ ବହୁ ଚାଷୀ ସରକାରଙ୍କୁ ସେମାନଙ୍କ ବଳକା ଧାନ ବିକ୍ରି କରିପାରୁନ ଥିଲେ। ତେବେ ଚଳିତ ବର୍ଷ ଜିଲ୍ଲା ପାଇଁ ପର୍ଯ୍ୟାପ୍ତ ଧାନ ସଂଗ୍ରହ କୋଟା ଥାଇ ମଧ୍ୟ ସରକାରଙ୍କୁ ଜିଲ୍ଲାରୁ ଧାନ ମିଳିଲା ନାହିଁ। ଫଳରେ ବାଧ ହୋଇ ସରକାର ଆଗୁଆ ଧାନ ସଂଗ୍ରହ କାର୍ଯ୍ୟକ୍ରମ ବନ୍ଦ କରିଦେଲେ। ଚଳିତ ବର୍ଷ ଭଦ୍ରକ ଜିଲ୍ଲାରୁ ୨୩ ଲକ୍ଷ ୮୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ ରଖିଥିଲେ। ତେବେ ଶେଷ ଆଡ଼କୁ ଧାନ ନ ମିଳିବାରୁ ସରକାର ବାଧ ହୋଇ ଗତ ୨୭ତାରିଖରୁ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ବନ୍ଦ କରିଦେଇଛନ୍ତି। ଧାନ ସଂଗ୍ରହ ବନ୍ଦ ହେବା ବେଳକୁ ଧାର୍ଯ୍ୟ ଲକ୍ଷରୁ ଆହୁରି ପ୍ରାୟ ୩ ଲକ୍ଷ ୫୫ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇ ନପାରି କୋଟା ଲାପ୍ସ କରି ଯାଇଥିବା କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ। ଏହି ସୂଚନା ଅନୁଯାୟୀ, ଧାନ ସଂଗ୍ରହ ଶେଷ ସୁଦ୍ଧା ଜିଲ୍ଲାରେ ଉଭୟ ଜିଲ୍ଲା ଏବଂ ଜିଲ୍ଲା ବାହାର ମିଲରଙ୍କ ଜରିଆରେ ୧୯ ଲକ୍ଷ ୯୮ ହଜାର

**୩୫ ହଜାରରୁ ଅଧିକ ଚାଷୀ ବାଦ୍ ପଡ଼ିଲେ**

କ୍ୱିଣ୍ଟାଲ ଧାନ ସଂଗ୍ରହ ସମ୍ଭବ ହୋଇଛି। ଏଥିରୁ ବାହାର ମିଲରଙ୍କ ଜରିଆରେ ୫ ଲକ୍ଷ ୪୬ ହଜାର ୩୫୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଜିଲ୍ଲା ମିଲରଙ୍କ ଜରିଆରେ ୧୪ ଲକ୍ଷ ୫୧ ହଜାର ୭୭୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଳିତ ବର୍ଷ ଜିଲ୍ଲାରେ ସରକାରଙ୍କୁ ଧାନ



ବିକିବାକୁ ୮୩ ହଜାର ୮୬୭ଜଣ ଚାଷୀ ଅନ ଲାଇନ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ମାତ୍ର ୪୮ ହଜାର ୬୭ ଜଣ ଚାଷୀ ଧାର୍ଯ୍ୟ ସମୟ ମଧ୍ୟରେ ସରକାରଙ୍କୁ ସେମାନଙ୍କ ଧାନ ବିକିବାକୁ ସମର୍ଥ ହୋଇଥିବା ବେଳେ ଆହୁରି ୩୫ହଜାର ୮୦୦ ଚାଷୀ ସରକାରୀ ଧାନ ସଂଗ୍ରହରୁ ବାଦ ପଡିଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ସରକାରୀ ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ପାଇଁ ଯୋଗାଣ ନିଗମ ପକ୍ଷରୁ ୧୦୨ ଗୋଟି ସେବା ସମବାୟ ସମିତି ଏବଂ ୫୭ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନିୟୋଜିତ କରିଥିଲେ। ଧାନ ସଂଗ୍ରହରେ ଅହେତୁକ ବିଳମ୍ବତାକୁ ଏଡେଇବା ପାଇଁ ଜିଲ୍ଲାର ୨୦ମିଲରଙ୍କ ସହିତ ବାହାର ଜିଲ୍ଲାର ୨୫ ଗୋଟି; ଏହିପରି ମୋଟ ୪୫ଗୋଟି ମିଲର ନିଯୁକ୍ତି କରିଥିଲେ। ହେଲେ ଯୋଗାଣ ନିଗମର ସମସ୍ତ ପ୍ରାକ୍ ପ୍ରସ୍ତୁତି ମୂଲ୍ୟହୀନ ସାବ୍ୟସ୍ତ ହୋଇଛି। ସରକାରୀ ଧାନ ସଂଗ୍ରହ ରେ ବିଭିନ୍ନ କଟକଣା, ବିଳମ୍ବତା, ମିଲର ଏବଂ ସୋସାଇଟିଙ୍କ ଚାଷୀ ମାରଣ ନୀତି ଯୋଗୁ ବହୁ ଚାଷୀ ସରକାରଙ୍କୁ ସେମାନଙ୍କ ଧାନ ବିକିବା ପରିବର୍ତ୍ତେ ବେପାରୀଙ୍କୁ ଧାନ ବିକି ଦେଇଥିଲେ। ଫଳରେ ଚଳିତ ବର୍ଷ ଜିଲ୍ଲାରେ ପ୍ରାୟ ୪୦ ଲକ୍ଷ କ୍ୱିଣ୍ଟାଲ ଧାନର କିଣା ବିକା ସତ୍ତ୍ୱେ ସରକାରଙ୍କୁ ତାଙ୍କ ଧାର୍ଯ୍ୟ ଲକ୍ଷ ମାତ୍ର ୨୩ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବାକୁ ମିଳିଲା ନାହିଁ ବୋଲି କୁହାଯାଉଛି।

## ବାବାମଣିଙ୍କ ମନ୍ଦିର ସେବାୟତଙ୍କ ପରଲୋକ



**ଆରଡ଼ି,୨୯ ।୩(ସମିସ):** ବାବା ଆଖଣ୍ଡଳମଣିଙ୍କ ମନ୍ଦିରର ବରିଷ୍ଠ ସେବାୟତ ତଥା ମନ୍ଦିର ଟ୍ରଷ୍ଟର ପୂର୍ବତନ ସେବାୟତ ପ୍ରତିନିଧି ଗୋରାଙ୍ଗ ପାଢୀ (୭୫)ଙ୍କର ଆଜି ପରଲୋକ ଘଟିଛି। ଶ୍ରୀ ପାଢ଼ୀ ଦୀର୍ଘଦିନ ହେବ ରୋଗାଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। ଶ୍ରୀ ପାଢ଼ୀ ଦୀର୍ଘ ୬୦ବର୍ଷ ଧରି ବାବା ଆଖଣ୍ଡଳମଣିଙ୍କ ସେବାପୂଜା କରିବା ସହିତ ବିଭିନ୍ନ ଧର୍ମାନୁଷ୍ଠାନରେ ରହି ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ଶ୍ରୀ ପାଢୀଙ୍କ ମୃତ୍ୟୁକୁ ନେଇ ସାରା ଆରଡ଼ିପୀଠରେ ଶୋକର ଛାୟା ଖେଳିଯାଇଛି।

## ଫଳକରେ ସୀମିତ ରହିଛି ଅମୃତ ସରୋବର

**ବାରିକପୁର,୨୯ ।୩(ସମିସ):** ଦୁଇ ପ୍ରମୁଖ ରାଜନୈତିକ ଦଳର ତୃଣମୂଳ କର୍ମୀଙ୍କ ବାଦବିବାଦରୁ ବିକାଶର ପଥ ବନ୍ଦ ହୋଇଯାଇଛି। କେବଳ ନାମ ଫଳକରେ ସୀମିତ ରହିଛି ଅନେକ ପ୍ରକଳ୍ପ କାର୍ଯ୍ୟ। ଏମିତି ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତରେ। ସୂଚନା ମୁତାବକ ୨୦୨୨ ମସିହାରେ ରହଣିଆ ମୁଗଡିହ



ପଡିଆ ଠାରେ ଅମୃତ ସରୋବର ପୋଖରୀ ଖନନ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ବର୍ଷା ଜଳ ସଂରକ୍ଷଣ ସହିତ ବର୍ଷ ତମାମ କୃଷି କ୍ଷେତ୍ରକୁ ଜଳ ଯୋଗାଣ ପାଇଁ ଜଳ ଶକ୍ତି ଅଭିଯାନ ପକ୍ଷରୁ ପ୍ରକଳ୍ପ ଚୟନ ହୋଇଥିଲା। ତଦନୁଯାୟୀ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ପୋଖରୀ ଖନନ ପାଇଁ ନାମ ଫଳକ ସହିତ ଶୁଭ ଭିତ୍ତିପ୍ରସ୍ତର ହୋଇଥିଲେ ସୁଦ୍ଧା ପ୍ରକଳ୍ପ ପାଇଁ ଏଯାଏଁ ମୁଠାଏ ମାଟି ମଧ୍ୟ ଖନନ ହୋଇନାହିଁ। ସ୍ଥାନ ନିରୂପଣ ଜନିତ ତ୍ରୁଟି ହେଉ କିମ୍ବା ଦୁଇ ରାଜନୈତିକ ଦଳର ପଞ୍ଚାୟତସ୍ତରୀୟ ନେତାଙ୍କ ଇଚ୍ଛାଶକ୍ତିର ଅଭାବ ହେଉ ଯେଉଁଥି ପାଇଁ ବହୁମୁଖୀ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇ ନଥିବା ଲୋକେ ଅଭିଯୋଗ କରିଛନ୍ତି। କେବଳ ଅମୃତ ସରୋବର ନୁହେଁ ବାଦ କାରଣରୁ ଅନେକ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ନଥିବା ଜଣାପଡ଼ିଛି। ତେଣୁ ଏହା ଉପରେ ପ୍ରାଶାସନିକ ସ୍ତରୀୟ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ଆଜି ଭଦ୍ରକ ଓକିଲ ସଂଘ ନିର୍ବାଚନ**

## ୧୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୦୧ ଭୋଟର

**ଭଦ୍ରକ,୨୯ ।୩(ସମିସ):** ଶନିବାର ଭଦ୍ରକ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ୧୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୦୧ ଭୋଟର ବା ଆଇନଜୀବୀ। ସୂଚନାଯୋଗ୍ୟ, ଓଡିଶା ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶମତେ ରାଜ୍ୟର ସବୁ ଓକିଲ ସଙ୍ଗର ନିର୍ବାଚନ ଗୋଟିଏ ଦିନରେ ଅନୁଷ୍ଠିତ ହେଉଛି। ଏହି ନିର୍ବାଚନ ଶନିବାର ସକାଳ ୮ରୁ ଅପରାହ୍ନ ୩ଟା ଯାଏଁ ହେବ । ଏଥିରେ ୯୦୧ଜଣ ଓକିଲ ସଂଘ ସଭ୍ୟ ପୁରୁଣା ଓକିଲ ସଂଘ କାର୍ଯ୍ୟାଳୟରେ ଥିବା ୫ଟି ବୁଥରେ ମତଦାନ କରିବେ। ଏଥିପାଇଁ ୩ଟି ଭୋଟ ବାକ୍ସର ବ୍ୟବସ୍ଥା ହୋଇଥିବା ଜଣାଯାଇଛି। ଏହି ନିର୍ବାଚନରେ ଓକିଲ ସଂଘ ସଭାପତି ପଦବୀ ପାଇଁ ବରିଷ୍ଠ ଓକିଲ ବସନ୍ତ ଦାସ, ଦେବେନ୍ଦ୍ର ପଣ୍ଡା ଓ ଧନେଶ୍ୱର ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ଓକିଲ ସଂଘ ସମ୍ପାଦକ ପଦବୀ ପାଇଁ ବରିଷ୍ଠ ଆଇନଜୀବୀ କଲ୍ୟାଣ କୁମାର ଦାସ ଓ ଆଇନଜୀବୀ ସୂର୍ଯ୍ୟକାନ୍ତ କୁଅଁର, ଉପସଭାପତି ପଦବୀ ପାଇଁ ଦୀପକ କୁମାର ସାହୁ, ମନୋରଞ୍ଜନ ଦାସ, କମଳିନୀ ନାୟକ, ସହ ସମ୍ପାଦକ ପାଇଁ ରତ୍ନାକର ବାରିକ, ଗିରିଜା ଶଙ୍କର ଦାସ, ରଞ୍ଜନ କୁମାର ପଣ୍ଡା, କୋଷାଧ୍ୟକ୍ଷ ପାଇଁ କିଶୋର ବଳ, ଉମାକାନ୍ତ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟତା ପାଇଁ ଶିଳାଦିତ୍ୟ ନାୟକ, କୌଶିକ ଦାସ, ସଞ୍ଜୟ ନାୟକ, ବିଶ୍ୱପ୍ରକାଶ ଦାସ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବରେ ନିକୁଞ୍ଜ ପୁହାଣ ଓ ଲାଇବ୍ରେରୀ ସମ୍ପାଦକ ଭାବେ ସୁରେନ୍ଦ୍ର କରଙ୍କ ବିରୋଧରେ କେହି ପ୍ରାର୍ଥୀ ନଥିବାରୁ ସେମାନେ ଅପ୍ରତିଦ୍ୱନ୍ଦ୍ୱି ଭାବେ ଘୋଷଣା ହୋଇଛନ୍ତି। ମୋଟ ୧୬ଜଣ ପ୍ରାର୍ଥୀଙ୍କ ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ବରିଷ୍ଠ ଅଧିବକ୍ତା ସନ୍ତୋଷ ନାୟକ, ଅତିରିକ୍ତ ନିର୍ବାଚନ ଅଧିକାରୀ ଆଇନଜୀବୀ ସରୋଜ ତପନ ଦାସ, ଅତିସ କୁମାର ବେହେରା, ଲଲାଟେନ୍ଦୁ ଦୀକ୍ଷିତ, ନାରାୟଣ ମହାନ୍ତି, ଚିତରଞ୍ଜନ ନାଥ, ବନିତା ଦତ୍ତ, ଜ୍ୟୋତିରଞ୍ଜନ ବେହୁରା ଓ କୋ-ଅର୍ଡିନେଟର ଆଇନଜୀବୀ ପବନ କୁମାର ଶର୍ମା ତୁଲାଉଥିବା ଜଣାଯାଇଛି।

## ନୟାନନ୍ଦର ଆରାଧ୍ୟ ଠାକୁରାଣୀ ମା’ କଣ୍ଟିମଙ୍ଗଳା

**ତିହିଡ଼ି,୨୯ ।୩(ସମିସ):** ଭଦ୍ରକ ଜିଲ୍ଲାର ପ୍ରମୁଖ ଶକ୍ତି ପୀଠ ମଧ୍ୟରୁ ତିହିଡି ବ୍ଲକ ଅନ୍ତର୍ଗତ ନୟାନନ୍ଦ ପଞ୍ଚାୟତର ନୟାନନ୍ଦ ଗାଁର ମା’ କଣ୍ଟିମଙ୍ଗଳା ଅନ୍ୟତମ। ଗତ ପ୍ରାୟ ଦେଢ଼ ଶହ ବର୍ଷ ହେଲା ମା’ ଏଠାରେ ଯଥାବିଧି ପୂଜା ପାଇ ଆସୁଛନ୍ତି। କିମ୍ବଦନ୍ତୀ ଅନୁସାରେ ଶିଖିରା ସଂପ୍ରଦାୟର ଲୋକ ଏଠାରେ ବସବାସ କରୁଥିଲେ। ସେମାନେ ପ୍ରଥମେ ମା’ଙ୍କୁ ଏଠାରେ ରଖି ପୂଜା କରୁଥିଲେ। ଏଠାରେ ଥିବା କଣ୍ଟେଇ କୋଳି ବା କଣ୍ଟିକା ବଣରେ ମା’ ସେତେବେଳେ ପୂଜା ପାଉଥିଲେ। ତେଣୁ ସେମାନେ ଏହି ଠାକୁରାଣୀଙ୍କୁ ମା’ କଣ୍ଟିଖାଇ ନାମରେ ନାମିତ କରିଥିଲେ। ଏମିତି କିଛି ବର୍ଷ ଚାଲିବା ପରେ ଲୋକେ ଏକ ମାଟି ଘର ନିର୍ମାଣ କରି ସେଠାରେ ମା’ଙ୍କୁ ପୂଜା କଲେ। ତେବେ କିଛି ବର୍ଷ ମାଟି ଘରେ ପୂଜା ପାଇବା ପରେ ଲୋକେ ପାଶ୍ୱବର୍ତ୍ତୀ ନଈରୁ ଗେଙ୍ଗୁଟି ସଂଗ୍ରହ କରି ଏହାକୁ ଢେଙ୍କିରେ କୁଟି ଚୁନ ସୁର୍ଡୁକି ତିଆରି କରି ମା’ଙ୍କର ଗୋଟିଏ ଛୋଟ ମନ୍ଦିର ତିଆରି କରିଥିଲେ। ସେହି ମନ୍ଦିରରେ ମା’ କିଛି ଦିନ ପୂଜା ପାଇବା ପରେ ଉକ୍ତ ଗ୍ରାମର ସ୍ୱର୍ଗତ ଦିବାକର ପାଣିଗ୍ରାହୀ ଓ ଅନ୍ୟ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏଠାରେ ଏକ ସ୍ଥାୟୀ ନୂତନ ମନ୍ଦିର ତିଆରି କରାଗଲା। ସେହି ଦିନ ଠାରୁ ଉକ୍ତ ମନ୍ଦିରରେ ମା’ଙ୍କର ବିଭିନ୍ନ ପର୍ବ ପାଳିତ ହୋଇଆସୁଛି। ବୈଶାଖ ମାସ ପଣାସଂକ୍ରାନ୍ତି ଦିନ ପାଟୁଆ ମେଳନ ଉତ୍ସବ ଏଠାରେ ମହା ସମାରୋହରେ ପାଳିତ ହୋଇଥାଏ । ନୟାନନ୍ଦ ଗାଁ ସହିତ ସ୍ଥାନୀୟ ଶେରପୁର, ତୋରଣପଦା, ନୂଆସାହି, ଚକପୁର, ଗୋରାମାଟି ଓ ହାଟୁଆରୀ ଗାଁର ପାଟୁଆ ମାନେ ମାନସିକ କରି ଏଠାରେ ପାଟୁଆ ନୃତ୍ୟ ପ୍ରଦର୍ଶନ କରିଥାଆନ୍ତି। ଏହି ପାଟୁଆ ଯାତ୍ରାର ଏକ ବିଶେଷତ୍ୱ ହେଲା ନୟାନନ୍ଦ ପାଟୁଆ ଦଳ ଭକ୍ତ ମାନେ ନିଜ ଜିଭରେ ୫୦ ଗ୍ରାମରୁ ଅଧିକ ଲୁହାରେ ତିଆରି ତ୍ରିଶୂଳ ଫୋଡି ଏକ ଘଣ୍ଟାରୁ ଅଧିକ ମା’ଙ୍କ ଆଗରେ ନୃତ୍ୟ ପରିବେଷଣ କରିଥାଆନ୍ତି। ପୁଣି ପରଦିନ ସେମାନେ ଆଖିରେ ଦୁଇଟି ଦେଢ଼ଫୁଟ ଲମ୍ବର ଲୁହା କଣ୍ଟା ଫୋଡ଼ି ନୃତ୍ୟ ପରିବେଷଣ କରିଥାଆନ୍ତି। ମଙ୍ଗଳାଙ୍କର ଆଉ ଏକ ପର୍ବ ହେଉଛି ଘୋଡ଼ା ନାଚ। ଚୈତ୍ରମାସ ପୂର୍ଣ୍ଣମୀର ଦିନକ ପରେ ଏହି ପର୍ବ ଅନୁଷ୍ଠିତ ହୋଇଥାଏ। ଏହାଛଡା କାର୍ତ୍ତିକ ପୂର୍ଣ୍ଣମୀରେ ଏଠାରେ ମହାସମାରୋହରେ ଡଙ୍ଗା ଭସା ପର୍ବ ମଧ୍ୟ ପାଳନ କରାଯାଇଥାଏ। ଏହା ବ୍ୟତୀତ ଦଶହରାରେ ମା’ଙ୍କ ପୀଠରେ ଦଶହରା ପର୍ବ ସହିତ ବିଶ୍ୱକଲ୍ୟାଣ ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏଠାରେ ମା’ଙ୍କର ପୂଜା ପ୍ରତିଦିନ ଅନୁଷ୍ଠିତ ହେଉଥିବା ବେଳେ ମଙ୍ଗଳବାର ଓ ଶନିବାର ଏଠାରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ସେହିପରି ମା’ଙ୍କ ପୀଠରେ ପର୍ବପର୍ବାଣି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ବି ଅନୁଷ୍ଠିତ ହୋଇଥାଏ। ମା’ଙ୍କର ଦୈନିକ ପୂଜାର୍ଚ୍ଚନା ସହିତ ପୀଠରେ ଅନୁଷ୍ଠିତ ସମସ୍ତ ପର୍ବପର୍ବାଣିକୁ ପାଳନ କରିବା ଲାଗି ନୟାନନ୍ଦ ପୂଜା କମିଟି ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ ହୋଇଥାଏ ବୋଲି ନାଟ୍ୟ ନିର୍ଦ୍ଦେଶକ ବଂଶୀଧର ବିଶ୍ୱାଳ କହିଛନ୍ତି।



## ତିହିଡ଼ି ଡିଗ୍ରୀ କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**ତିହିଡି,୨୯।୩(ସମିସ):** ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ବିପ୍ଳବ ରଞ୍ଜନ ପତି ମୁଖ୍ୟବକ୍ତା, ଅଧ୍ୟାପକ ଡ.ବଂଶୀଧର ବେହେରା ଓ ଅଧ୍ୟାପକ ରମେଶ ଚନ୍ଦ୍ର ପ୍ରତାପ ଅତିଥି ଭାବେ ଯୋଗଦେଇ ଏଡ୍‌ସର କାରଣ ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବର କାଉନସେଲର ଅଧ୍ୟାପକ ଅଶୋକ କୁମାର ଗୋଚ୍ଛାୟତ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ଦେବେନ୍ଦ୍ର ଉଦ୍‌ଗାତା, କମଳାକାନ୍ତ ଓଝା, ରବିନାରାୟଣ କରଣ, ଲକ୍ଷ୍ମୀକାନ୍ତ ବ୍ରହ୍ମ, ସୂର୍ଯ୍ୟକୁମାର ବାରିକ, ସ୍ୱପ୍ନା ବାସବଦତ୍ତା ସୂତାର, ସଂଘମିତ୍ରା ବେହେରା, ଚନ୍ଦ୍ରକାନ୍ତ ବନ୍ଧ, ସୁନିତା ତ୍ରିପାଠୀ, ସୁଜାତା ବେହେରା, ତନୁଜା ପଣ୍ଡା, ପ୍ରଣତି ପଣ୍ଡା, ଗୋଲକ ଜେନା, ସୁମନ୍ତ ମହାନ୍ତି ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷାକର୍ମଚାରୀମାନେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ଏଡସ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ସେମାନଙ୍କର ସନ୍ଦେହ ଦୂର କରିଥିଲେ।

## ସଞ୍ଜୟଙ୍କୁ ପ୍ରାର୍ଥୀ ପରେ ବିଜେଡି ଶିବିର ଚଳଚଞ୍ଚଳ



ଦୋବଲ,୨୯ ।୩(ସମିସ): ଧାମନଗର ନିର୍ବାଚନ ମଣ୍ଡଳୀ ପାଇଁ ଡାକ୍ତର ସଞ୍ଜୟ ଦାସଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ଧାମନଗର ନିର୍ବାଚନ ମଣ୍ଡଳୀ ବିଜେଡି ଶିବିର ଏବେ ଚଳଚଞ୍ଚଳ ହୋଇଉଠିଛି। ପ୍ରକାଶଥାଉ କି ସଞ୍ଜୟ ଗତ ମକର ସଂକ୍ରାନ୍ତି ଦିନଠାରୁ ଧାମନଗରରେ ବୁଲାବୁଲି କରୁଛନ୍ତି। ଲୋକଙ୍କ ସହ ମିଶୁଛନ୍ତି। ସେମାନଙ୍କ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ବିଜେଡି ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ମିଶି କାମ କରୁଛନ୍ତି। ଡାକ୍ତରୀ ଚାକିରି ଛାଡ଼ି ଆସିଥିବା ସଞ୍ଜୟଙ୍କର ଏହା ଭିତରେ ଲୋକପ୍ରିୟତା ବଢ଼ିଛି। ଗ୍ରହଣୀୟତା ବି ରହିଛି। ଏବେ ବିଜୁ ଜନତା ଦଳ ପକ୍ଷରୁ ଧାମନଗର ପାଇଁ ତାଙ୍କ ନାଁ ପ୍ରାର୍ଥୀ ଭାବେ ଥିବାରୁ ସେ ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସଂପାଦକ ପ୍ରଣବପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇ ସେମାନଙ୍କୁ ଭେଟିଥିଲେ। ଏବେ ଧାମନଗରରେ ସଞ୍ଜୟଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରିବା ସହ ଧାମନଗର କିପରି ବିଜେଡିର ବିଜୟ ହୋଇପାରିବ ସେ ନେଇ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

## ପୋଖରୀରେ ପଡ଼ି ୮ ବର୍ଷ ବାଳକର ଜୀବନ ଗଲା

**ବାସୁଦେବପୁର,୨୯ ।୩(ସମିସ):** ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ପଞ୍ଚାୟତ ବୋହୂମାଘେରି ଗ୍ରାମର ପୋଖରୀର ପଡ଼ ୮ବର୍ଷ ବାଳକର ମୃତ୍ୟୁ ଘଟିଛି। ମାଆ ସହିତ ମାମୁଁ ଘରକୁ ବୁଲି ଯାଇଥିବା ବେଳେ ଘଟିଛି ଅଘଟଣ। ବାସୁଦେବପୁର ପୌରପାଳିକାର ରାଧାକାନ୍ତପୁର ଗ୍ରାମର ରଞ୍ଜିତ ଜେନାଙ୍କ ପତ୍ନୀ ସୁନିତା ବାପ ଘର କୃଷ୍ଣପୁର ପଞ୍ଚାୟତର ବୋହୂମାଘେରୀକୁ ଶୀତଳା ପୂଜା ଦେଖିବାକୁ ଯାଇଥିଲେ। ସାଙ୍ଗରେ ୮ବର୍ଷର ପୁଅ ଚନ୍ଦନ ଓ ୩ ବର୍ଷ ଝିଅ ସାଙ୍ଗରେ ଯାଇଥିଲେ। ଆଜି ମଧ୍ୟାହ୍ନରେ ଚନ୍ଦନକୁ ପରିବାର ଲୋକ ନପାଇ ଖୋଜା ଖୋଜି କରିଥିଲେ। ଶେଷରେ ପୋଖରୀର ଖୋଜିବାରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରିଥିଲେ। ଡାକ୍ତର ଚନ୍ଦନକୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମହାବୀରଙ୍କ ୭ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ବାରିକପୁର,୨୯ ।୩(ସମିସ):** ଭଣ୍ଡାରି ପୋଖରୀ ବ୍ଲକ ରହଣିଆ ଗ୍ରାମଞ୍ଚାୟତ ଆକୁଳିକଣା (ସୈସଲାପୁର) ସ୍କୁଲ ନିକଟରେ ପୂଜା ପାଉଥିବା ବଜରଙ୍ଗ ବାଲି ମହାବୀରଙ୍କ ୭ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ନନ୍ଦ କିଶୋର ତ୍ରିପାଠୀ ଓ ବାବୁ ତ୍ରିପାଠୀଙ୍କ ବୈଦିକ ମନ୍ତ୍ର ଆବହନରେ ମହାବୀରଙ୍କ ପୂଜାର୍ଚ୍ଚନା ହୋଇଥିଲା। ହନୁମାନ ଚାଳିଶା ସହିତ ବେଦପାଠ ଓ ହୋମଯଜ୍ଞ ଆୟୋଜନ ହୋଇଥିଲା। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ବିରେନ୍ଦ୍ର ବରାଳ ଓ ବିଦ୍ୟୁତ ପ୍ରଭା ବରାଳ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ କମିଟି ସଦସ୍ୟ ଅକ୍ଷୟ ସାହୁ, ଦେବେନ୍ଦ୍ର ବରାଳ, ମାନସ କୁମାର ସାହୁ, କୀର୍ତ୍ତନ ଧଳ, ପ୍ରଦୀପ କୁମାର ସାମଲ, ଅମୂଲ୍ୟ ସେଠୀ, ଶିବାନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟକୁ ସହଯୋଗ କରିଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କୁ ନେଇ ନୃତ୍ୟ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା।ଏହାଛଡା ପୀଠରେ ଦୁଇ ଦିନ ଧରି ଗାୟିକା ଚିନ୍ମୟୀ ଶତପଥୀ ଓ ସାଥିମାନଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା। ଆୟୋଜିତ ଉତ୍ସବକୁ ଅକ୍ଷୟ ବରାଳ, ସୁଧାଂଶୁ ସାହୁ, ସଚିନ୍ ସ୍ୱାଇଁ, ବିଦ୍ୟାଧର ସେଠୀ, କରୁଣାକର ମହାନ୍ତି, ଲକ୍ଷ୍ମୀଧର ସେଠୀ, ନକୂଳ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

**ଶୋଷ ମେଣ୍ଟାଉଛି ଭଙ୍ଗା ନଳକୂପ**

# ପାଣି ଟାଙ୍କି ପାଲଟିଛି ବାଘୁଆ ମହୁବସା

ବାରିକପୁର,୨୯ ।୩(ସମିସ)

ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତରୁ ଲକ୍ଷ ଲକ୍ଷ ଟଙ୍କା ବାର୍ଷିକ ବିଦ୍ୟୁତ ବିଲ ପୈଠ ହେଉଛି। ମେଗା ପାନୀୟ ଜଳ ପ୍ରକଳ୍ପ, ବୃହତ ପାଣି ଟାଙ୍କି ନିର୍ମାଣ, ପାଇପ ବିଛା ଓ ଟ୍ୟାପ ନିର୍ମାଣ ହୋଇଥିଲେ ସୁଦ୍ଧା ବର୍ଷ ବର୍ଷ ଧରି ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏବେବି ଜନସାଧାରଣଙ୍କ ଶୋଷ ମେଣ୍ଟାଉଛି ଭଙ୍ଗା ନଳକୂପର ପାଣି। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା ବେଳେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକର ଅଞ୍ଚଳରେ।

ସୂଚନା ଅନୁଯାୟୀ ବ୍ଲକବାସୀଙ୍କୁ ଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ୨୦୧୬ମସିହାରେ ଆଖୁଆପଦା ବୈତରଣୀ ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ନଦୀକୂଳରେ ଜଳ ପ୍ରକଳ୍ପ ଗୃହ ନିର୍ମାଣ ସହିତ କେତେକ ଅଞ୍ଚଳକୁ ପାଇପ୍ ବିଛା ସରିଥିଲେ ସୁଦ୍ଧା ଲୋକମାନେ କିନ୍ତୁ ଏଯାଏଁ ଶୁଦ୍ଧ ପାନୀୟ ଜଳ ପାଇପାରିନାହାନ୍ତି। ବେଳେ ବେଳେ ଜଳଯୋଗାଣ ପଥରେ ପାଣି ଆସୁଥିଲେ ସୁଦ୍ଧା ତାହା ଆକାଶ ମାର୍ଗକୁ ଛୁଉଁଛୁ ସିନା ହେଲେ ଲୋକେ ପାଉନାହାନ୍ତି। ଏହାଛଡା





ଭଦ୍ରକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଜଳପ୍ରକଳ୍ପ ମାନ ନିର୍ମାଣ ହୋଇଥିଲେ ବି ତାହା କେବଳ ଠିକାଦାର ପୋଷଣ ପାଇଁ ପ୍ରଯୁଜ୍ୟ ହୋଇଛି। ପ୍ରତ୍ୟେକ ବର୍ଷ ବୃହତ ପାଣି ଟାଙ୍କି ନିର୍ମାଣ ଓ ପାଇପ୍ ବିଛାରେ ସତେ ଯେମିତି ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସୀମିତ ରହୁଛି। କେଉଁଠି ଉଚ୍ଚ କ୍ଷମତାସମ୍ପନ୍ନ ପାଣି ଟାଙ୍କି ଦୁର୍ବଳ ହୋଇ ଗଲାଣି ତ ପୁଣି କେଉଁଠି ନିର୍ମାଣଧୀନ ପ୍ରକଳ୍ପ ସ୍ଥାନରେ ସରୀସୃପ ଓ ବାଘୁଆ ମହୁବସା ବାନ୍ଧି ରହିଲେଣି। ଏପଟେ ସମସ୍ତେ ପାନୀୟ ଜଳ ପାଉଛନ୍ତି ବୋଲି ସରକାରଙ୍କ ନିକଟରେ ବିଭାଗ ବର୍ଷକୁ ବର୍ଷ ମିଥ୍ୟା ସତ୍ୟପାଠ ଦାଖଲ କରୁଛି। ଯାହା ଫଳରେ ପଞ୍ଚାୟତରୁ ବିଦ୍ୟୁତ ବିତରଣ କମ୍ପାନୀ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ବିଜୁଳି ବିଲ୍ ଆଦାୟ କରୁଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ଅଭାବରୁ ବ୍ଲକର ଦେଢ଼ ଲକ୍ଷ ଲୋକ ଏଯାଏଁ ଶୁଦ୍ଧ ପାନୀୟ ଜଳ ପାଇ ପାରିନାହାନ୍ତି। ଏନେଇ ପଞ୍ଚାୟତ ସମିତି ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଆପତ୍ତି ଅଭିଯୋଗ ହୋଇଥିଲେ ସୁଦ୍ଧା ଅବସ୍ଥା ଯଥା ପୂର୍ବଂ ତଥା ପରଂ ଭଳି ରହିଛି। ଏବେବି ହଜାର ହଜାର ପରିବାର ପାଇପ୍ ଜଳରୁ ବଞ୍ଚିତ ହୋଇଥିବା ବେଳେ ତୃଷ୍ଣା ମେଣ୍ଟାଇବା ପାଇଁ ନଦୀଜଳ ଓ ନଳକୂପ ଉପରେ ନିର୍ଭର କରୁଛନ୍ତି। ତେଣୁ ଜିଲ୍ଲାପାଳ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଗୋପବନ୍ଧୁଜୀଉଙ୍କ ଦୋଳ ମହୋତ୍ସବ ଉଦ୍‌ଯାପିତ



**ଅସୁରାଳି, ୨୯ ।୩(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଠାରେ ଗୋପବନ୍ଧୁଜୀଉଙ୍କ ପବିତ୍ର ଦୋଳ ମହୋତ୍ସବ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ୫ଦିବସୀୟ ଏହି ପବିତ୍ର ଆଧ୍ୟାତ୍ମିକ ତଥା ଶାନ୍ତି, ପ୍ରୀତି, ସଦଭାବନାର ମହାନ କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି । ଏହି ଉଦଯାପନୀ ଦିବସରେ ଗ୍ରାମର ପ୍ରମୁଖ ବୁଦ୍ଧିଜୀବୀ ଓ ମୁରବୀ ତଥା କର୍ତ୍ତା ସଞ୍ଜୀବ ଦାସ, ଜୟନ୍ତୀ ଦାସ ଉପସ୍ଥିତ ଥିଲେ । ପଣ୍ଡିତ ସୁଶାନ୍ତ ପଣ୍ଡାଙ୍କ ବେଦ ମନ୍ତ୍ରରେ ସମସ୍ତ ରୀତିନୀତି ସମ୍ପାଦିତ ହୋଇଥିଲା । ପ୍ରଥମ ଦିବସରେ ରେବ ନଦୀରୁ ପୁଣ୍ୟପୟରେ ଘଟପୂର୍ଣ୍ଣ କରି ଗୋପବନ୍ଧୁଜୀଉଙ୍କ ଠାରେ ଜଳାଭିଷେକ କରାଯାଇଥିଲା । ୫ମ ଦିବସରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ସଞ୍ଜୀବ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା ।

## ବିଏସ୍‌କେୱାଇ କାର୍ଡ ଦେଲା ବଞ୍ଚିବାର ଆଶା

# ଚାଲିବାକୁ ସକ୍ଷମ ହେଲେ ବୃଦ୍ଧ ଖଗେନ୍ଦ୍ର

**ଭଦ୍ରକ, ୨୯ ।୩(ସମିସ)**

ଦୁର୍ଘଟଣା ପରେ ଭାବିଥିଲେ ଆଉ ଚାଲିବାକୁ ସକ୍ଷମ ହେବେ ନାହିଁ । କାରଣ ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିଲା । ଏଥିପାଇଁ ଭଦ୍ରକର ସରକାରୀ ଡାକ୍ତର ବ୍ୟୟବହୁଳ ଅପରେସନ କରିବାକୁ ପରାମର୍ଶ ଦେଇଥିଲେ । ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ମଧ୍ୟ ଡାକ୍ତର ପରାମର୍ଶ ଦେଇଥିଲେ । ପରେ ନିରାଶ ହୋଇଥିଲେ ଏହି ବୃଦ୍ଧ । ଇଏ ହେଲେ ଖଗେନ୍ଦ୍ର ନାୟକ(୭୦) । ବୃଦ୍ଧ ଖଗେନ୍ଦ୍ରଙ୍କ ଘର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଣୁଆ ଗାଁରେ । ଖଗେନ୍ଦ୍ର ଜଣେ ଗରିବ ପରିବା ଚାଷୀ । ପରିବାରରେ ଆର୍ଥିକ ସମ୍ବଳ ଅସ୍ୱଚ୍ଛଳ । ଏପରିସ୍ଥିତିରେ ଗତବର୍ଷ ନଭେମ୍ବର ୧୦ତାରିଖରେ ବାସୁଦେବପୁର ଠାରେ ଏକ ବାଇକ୍ ଦୁର୍ଘଟଣାରେ ଶିକାର ହୋଇ ଖଗେନ୍ଦ୍ରଙ୍କ ଡାହାଣ ଗୋଡଟି ଭାଙ୍ଗି ଯାଇଥିଲା । ତାଙ୍କୁ ପରିବାର ଲୋକ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ତେବେ ସେଠାରେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦିଆଯାଇଥିଲା । ପରେ ଭଦ୍ରକ ଡାକ୍ତରଖାନାରେ ଆସିବା ପରେ ତାଙ୍କ ଗୋଡରେ ଅପରେସନ କରାଯିବ ଓ ନେଲ୍ ଲାଗିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ । ତେବେ ଏହି ବ୍ୟୟବହୁଳ ଚିକିତ୍ସା କଥା ଶୁଣି ଖଗେନ୍ଦ୍ର ଘରକୁ ପଳାଇ ଆସି ଶୋଇ ରହିଥିଲେ । ତେବେ ତାଙ୍କ ଗାଁର ମାଧବ ପରିଡ଼ାଙ୍କ ସହ ଯୋଗାଯୋଗ ପରେ ଖଗେନ୍ଦ୍ରଙ୍କ ନାମରେ ଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡରେ ସମ୍ପୂର୍ଣ୍ଣ ମାଗଣାରେ ଏହି ବ୍ୟୟବହୁଳ ଅପରେସନ ହେବ ଜାଣି ସେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିଲେ । ପରେ କଟକ ଅଶ୍ୱିନୀ ଘରୋଇ ହସ୍ପିଟାଲ ଯାଇ ଚିକିତ୍ସା ହୋଇଥିଲେ । ତାଙ୍କ ଗୋଡ ଅପରେସନ ପରେ ସେ ଦେଢ଼ମାସ ସେଠାରେ ରହିବା ପରେ ଏବେ ଘରକୁ ଫେରିଛନ୍ତି । ଏବେ ସେ ଟିକେ ଟିକେ ପାଦ ପକାଉଛନ୍ତି ଓ ଆଗକୁ ସମ୍ପୂର୍ଣ୍ଣ ଚାଲିବାକୁ ସେ ସକ୍ଷମ ହୋଇପାରିବେ । ତାଙ୍କର ବିଏସ୍‌କେୱାଇ କାର୍ଡ ନଥିଲେ ବୃଦ୍ଧବସ୍ଥାରେ ଅଚଳ ହୋଇପଡ଼ିଥାନ୍ତି ଏବଂ ଚାଲିବାକୁ ସକ୍ଷମ ହୋଇପାରିନଥାନ୍ତି ବୋଲି ଖଗେନ୍ଦ୍ର କହିବା ସହ ଏଥିପାଇଁ ରାଜ୍ୟ ସରକାରଙ୍କୁ ଅନ୍ତରରୁ କୃତଜ୍ଞତା ଅର୍ପଣ କରିଛନ୍ତି । ବାସ୍ତବିକ ଜଣେ ଗରିବ ପରିବା ଚାଷୀ ଆଜି ବିଏସ୍‌କେୱାଇ ଯୋଗୁଁ ଚାଲିବାକୁ ସକ୍ଷମ ହୋଇଥିବା ତାଙ୍କ ଗାଁଲୋକେ ବି କହିବାକୁ ପଛାଇ ନାହାନ୍ତି ।



## ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଅସ୍ଥିଶଲ୍ୟ ବିଭାଗରେ ରୋଗୀଙ୍କୁ ମିଳୁନି ସେବା

- ଅଛନ୍ତି ୪ ବିଶେଷଜ୍ଞ ଡାକ୍ତର
- ୯ଟା ପରେ ଆସୁଛନ୍ତି, ୧୨ଟା ପୂର୍ବରୁ ଯାଉଛନ୍ତି



**ଭଦ୍ରକ, ୨୯ ।୩(ସମିସ):** ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ (ଅର୍ଥୋପେଡ଼ିକ୍) ବିଭାଗରେ ରୋଗୀଙ୍କୁ ସଠିକ୍ ସେବା ମିଳୁନି । ଫଳରେ ରୋଗୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ନୁହେଁ, ୪ ଚାରିଜଣ ଅର୍ଥୋପେଡ଼ିକ ବିଶେଷଜ୍ଞ ଡାକ୍ତର ଥିବା ସତ୍ତ୍ୱେ ରୋଗୀମାନେ ଦୈନିକ ଲମ୍ବା ଲାଇନ୍‌ରେ ଛିଡା ହେବା ଓ ସେବାରୁ ବଞ୍ଚିତ ହେବା ଘଟଣା ଅସନ୍ତୋଷ ସୃଷ୍ଟି କରୁଛି । ଏହାକୁ ତଦାରଖ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନିକ ଅଧିକାରୀ ଓ ଦୁଇ ଦୁଇ ଜଣ ହସ୍ପିଟାଲ ମ୍ୟାନେଜରଙ୍କୁ ସରକାର ନିୟୋଜିତ କରିଥିଲେ ବି ସେମାନେ ଏହାର ତଦାରଖ କରିବେ କ'ଣ, ନିଜେ ବି ସଠିକ୍ ସମୟରେ ଆସୁନଥିବା ପରିଲକ୍ଷିତ ହୋଇଛି ।

ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅସ୍ଥିଶଲ୍ୟ ବିଭାଗ ଓପିଡିକୁ ଦୈନିକ ୩ଶହ ଭଳି ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ସରକାରୀ ନିୟମାନୁଯାୟୀ, ସକାଳ ୮ଟାରୁ ୧୨ଟା ମଧ୍ୟରେ ସେମାନଙ୍କୁ ବିଶେଷଜ୍ଞ ଡାକ୍ତର ଚିକିତ୍ସା କରିବା କଥା । ମାତ୍ର ଲମ୍ବା ଲାଇନ୍‌ରେ ସକାଳ ୭ଟାରୁ ଆସି ରୋଗୀମାନେ ରୋଗକଷ୍ଟରୁ ମୁକ୍ତି ପାଇଁ ପ୍ରତୀକ୍ଷା କରୁଥିବା ବେଳେ ବିଶେଷଜ୍ଞ ଡାକ୍ତରମାନଙ୍କ ସକାଳ ୯ଟା ପରେ ଆଗମନ ହେଉଛି । ଆଉ ୧୨ଟାରେ ଡ୍ୟୁଟି ସରିବା ପୂର୍ବରୁ ଅର୍ଥାତ ୧୧ଟା ପରେ ପଳାଉଛନ୍ତି । ଫଳରେ ରୋଗୀ ଡାକ୍ତରୀ ସେବା ପାଇବାରୁ ବଞ୍ଚିତ ହୋଇ ବାଧ୍ୟ ହୋଇ ସରକାରୀ ଡାକ୍ତରଙ୍କ କ୍ଲିନିକ୍‌କୁ ବ୍ୟୟବହୁଳ ଚିକିତ୍ସା ପାଇଁ ଯିବାକୁ ବାଧ୍ୟ ହେଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ୪ଜଣ ଅର୍ଥୋପେଡ଼ିକ ବିଶେଷଜ୍ଞ-ଡା. ଉମାକାନ୍ତ ଜେନା, ଡା. ବିଶ୍ୱଜିତ ରାୟ, ଡା. ଏମ୍ ମନୋଜ ଓ ଡା. ଏସ୍ ଅଲ୍ଲି କାର୍ଯ୍ୟ କରୁଛନ୍ତି । ସେମାନଙ୍କ ଡ୍ୟୁଟିଚାର୍ଟ ଅନୁଯାୟୀ ଆସୁନାହାନ୍ତି । ପୁଣି ନିୟମିତ ଡ୍ୟୁଟିଚାର୍ଟ ବି ପ୍ରସ୍ତୁତ ହେଉନି । ୪ଜଣ ବିଶେଷଜ୍ଞଙ୍କ ମଧ୍ୟରୁ ୨ଜଣ ଯଦି ନିର୍ଦ୍ଧାରିତ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ରୁହନ୍ତେ ତେବେ ବହୁ ରୋଗୀ ଉପକୃତ ହୁଅନ୍ତେ । ଆଉ ଅପରାହ୍ନ ବା ସନ୍ଧ୍ୟାରେ ଏହି ବିଶେଷଜ୍ଞ ମାନଙ୍କ ପାଦ ହସ୍ପିଟାଲରେ ପଡେ କି ନାହିଁ ତାହା ଭଗବନାଙ୍କୁ ଜଣା ବୋଲି ଜଣେ ଦାଖଲ ହୋଇଥିବା ରୋଗୀ ନିଜ ନାମ ଗୋପନ ରଖି କହିଛନ୍ତି । ରାଜ୍ୟ ସରକାର ସରକାରୀ ଡାକ୍ତରଖାନାରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବାର ସୁବନ୍ଦୋବସ୍ତ କରିଥିଲେ ବି ରୋଗୀଙ୍କ ସଠିକ୍ ସେବା ନମିଳିବା ଘଟଣା ସମସ୍ତଙ୍କୁ କ୍ଷୁବ୍ଧ କରିଛି । ନିଜ ନିଜ କ୍ଲିନିକ ଓ ନର୍ସିଂହୋମରେ ଅଧିକ ସମୟ ଦେଇ ଅର୍ଥ ଉପାର୍ଜନ କରୁଥିବା ବହୁ ସରକାରୀ ଡାକ୍ତର ଡାକ୍ତରଖାନାକୁ କେବଳ ବିଧିରକ୍ଷା ଲାଗି ଯାଉଥିବା ପରିଲକ୍ଷିତ ହୋଇଛି । ଭଦ୍ରକରେ ଥିବା ଘରୋଇ ନର୍ସିଂହୋମ ଗୁଡିକରେ ମାସିକ ୫ଶହରୁ ଅଧିକ ଅପରେସନ ହେଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୪ଜଣ ବିଶେଷଜ୍ଞ ଥିବା ସତ୍ତ୍ୱେ ଅପରେସନ୍ ହାର ସୀମିତ ବୋଲି ଜଣାଯାଇଛି । ସରକାର ମାସିକ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ମାଗଣା ଚିକିତ୍ସା, ପରୀକ୍ଷା ନୀରିକ୍ଷା ବ୍ୟବସ୍ଥା ସରକାରୀ ଡାକ୍ତରଖାନାରେ କରିଥିଲେ ବି ସରକାରୀ ଡାକ୍ତରଙ୍କ ଅନାଗ୍ରହଭାବ ଯୋଗୁଁ ରୋଗୀଙ୍କୁ ସଠିକ୍ ଚିକିତ୍ସା ମିଳୁନି । ଘରୋଇ କ୍ଲିନିକ୍ ଓ ନର୍ସିଂହୋମକୁ ଏହାର ଫାଇଦା ମିଳୁଛି ଓ ରୋଗୀଙ୍କୁ ରୋଗ ଯନ୍ତ୍ରଣା ସହ ଆର୍ଥିକ ଯନ୍ତ୍ରଣା ଅଧିକ କଷ୍ଟ ଦେଉଛି । ଏଦିଗରେ ନିୟମିତ ତଦାରଖ କରାଯାଉନାହିଁ କି ତଦାରଖ ଅଧିକାରୀମାନେ ବି ସଠିକ୍ ସମୟରେ ଡାକ୍ତରଖାନାକୁ ଆସୁନାହାନ୍ତି ଏହା ସ୍ୱତଃ ପ୍ରମାଣିତ ହୋଇଛି । ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ● ବିଜୟଶ୍ରୀ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ଣ୍ଣମେଣ୍ଟ

# ବିଜୟଶ୍ରୀ ଟ୍ରଫି ଜିତିଲା କଟକ ନିମପୁର ଦଳ

**ବାସୁଦେବପୁର,୨୯ ।୩(ସମିସ):** ବାସୁଦେବପୁର ଅଟଳବିହାରୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜୟଶ୍ରୀ ଟ୍ରଫି 'ଟି-୨୦' କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଆଜି ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ଭଦ୍ରକ ରେଳବାଇକୁ ହରାଇ କଟକର ନିମପୁର ଦଳ ପ୍ରଥମ ବିଜୟଶ୍ରୀ ଟ୍ରଫି ଜିଣିଛି । ଆଜି ଅନୁଷ୍ଠିତ ଫାଇନାଲ ଖେଳରେ ନିମପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୬୨ ରନ ସଂଗ୍ରହ କରିଥିଲା । ଜବାବରେ ଭଦ୍ରକର ଖେଳାଳିମାନେ ଶେଷ ପର୍ଯ୍ୟନ୍ତ ଲଢି ୧୩୬ ରନରେ ସୀମିତ ରହି ମ୍ୟାଚକୁ ହାତ ଛଡା କରିଥିଲେ । ଉଦଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଶ୍ରୀ ରାଉତରାୟଙ୍କ ପୁତ୍ର ତଥା ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବରିଷ୍ଠ ରଣଜୀ ଖେଳାଳୀ ପ୍ରଭଞ୍ଜନ ମଲ୍ଲିକ, ବ୍ଲକ ସଭାପତି ଦୀନବନ୍ଧୁ ଦାସ, ଜିଲ୍ଲା ପରିଷଦ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡେଇ, ସରପଞ୍ଚ ରାଜେନ୍ଦ୍ର ସାହୁ, ପୌର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ, ବରିଷ୍ଠ ବିଜେଡି କର୍ମୀ ଦେବଦର୍ଶନ ଦାଶ, ମାନସ ସାହୁ, କାଉନସିଲର ପ୍ରତିନିଧି ସୁଶାନ୍ତ ସେଠୀ, ଚନ୍ଦନ ସେନ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳ ଦ୍ୱୟଙ୍କୁ ଟ୍ରଫି ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଏଥି ସହିତ ବିଜୟଶ୍ରୀ ଟୁର୍ଣ୍ଣମେଣ୍ଟକୁ ସୁଚାରୁରୂପେ ପରିଚାଳନା କରିଥିବା ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଉତ୍କଳିକା କ୍ଲବର ସମସ୍ତ ସଦସ୍ୟଙ୍କୁ ବିଧାୟକ ଶ୍ରୀ ରାଉତରାୟ ବଧାଇ ଜଣାଇଥିଲେ । ଆଜିର ଖେଳକୁ ସାର୍ଥକ ବିଶ୍ୱାଳ ଓ ଦେବବ୍ରତ ଦାଶ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ବୁବୁ ସିହ୍ନା ଓ କୁମାର ସୁନା ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ । କ୍ଲବର ସମ୍ପାଦକ ରଞ୍ଜନ ମହାପାତ୍ରଙ୍କ ସମେତ କାଳନ୍ଦୀ ସାହୁ, ଶୁଶାନ୍ତ ସେଠୀ, ଶଶିଭୂଷଣ ବାରିକ, ଆଲୋକ ବାରିକ, ଶରତ ବାରିକ, ଅଲେଖ ଚନ୍ଦ୍ର ବେହେରା, ଦିପ୍ତିରଞ୍ଜନ ନାୟକ, ଅମର ପାଢ଼ୀ, ଡିଜେ ପଣ୍ଡା, ସତ୍ୟସୁନ୍ଦର ମହାକୁଡ, ଦୁଃଶାସନ ମହାକୁଡ, ରଶ୍ମିରଞ୍ଜନ ମହାକୁଡ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।



# କାଗେଜି ଲେମ୍ବୁ ଦରକୁ ନେଇ ଚିନ୍ତାରେ ଗ୍ରାହକ

**ବନ୍ତ/ଆଗରପଡ଼ା, ୨୯।୩(ସମିସ):** ଭଦ୍ରକ ଜିଲ୍ଲାରେ କାଗେଜି ଲେମ୍ବୁ ଦର ଆକାଶଛୁଆଁ ହୋଇଛି । ଏହାର ପ୍ରଭାବ ବନ୍ତ ବ୍ଲକରେ ଦେଖିବାକୁ ମିଳିଛି । ଯାହାକି ଗ୍ରାହକଙ୍କ ଚିନ୍ତାର କାରଣ ପାଲଟିଛି । ଏବେ ବଜାରରେ ଗୋଟିଏ ଲେମ୍ବୁ ୫ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଛି । ବନ୍ତ ବ୍ଲକ ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ ହୋଇଥିଲେ ସୁଦ୍ଧା ଚଳିତ ବର୍ଷ ଅଦିନିଆ ବର୍ଷାର ପ୍ରଭାବ ଚାଷ କ୍ଷେତ୍ରରେ ପଡ଼ିଥିବାରୁ ଲେମ୍ବୁର ଉତ୍ପାଦନ ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ହୋଇଛି । ତେଣୁ ଆବଶ୍ୟକତାକୁ ଆଖି ଆଗରେ ରଖି ଏହାକୁ ଅନ୍ୟ ରାଜ୍ୟ ଓ ଜିଲ୍ଲାରୁ ଆମଦାନୀ କରାଯାଉଛି । ଯଦ୍ୱାରା ବେପାରୀମାନେ ଚଢା ଦରରେ କିଣିବାକୁ ବାଧ ହେଉଛନ୍ତି । ବେପାରୀମାନେ ଚଢା ଦରରେ କିଣୁଥିବାରୁ ବର୍ତ୍ତମାନ ୩/୪ଟି ଛୋଟ ଛୋଟ ଲେମ୍ବୁକୁ ଗ୍ରାହକମାନଙ୍କୁ ୨୦ଟଙ୍କା ପାଖାପାଖି ଖର୍ଚ୍ଚ କରିବାକୁ ପଡୁଛି । ଏହି ଛୋଟ ଛୋଟ ଲେମ୍ବୁରୁ ଆବଶ୍ୟକୀୟ ପାଣି ମଧ୍ୟ ବାହାରୁନଥିବା ଜାଣିବାକୁ ମିଳିଛି । ବର୍ତ୍ତମାନ ଦିନକୁ ଦିନ ଖରାର ପ୍ରଭାବ ବଢୁଥିବା ବେଳେ ଲେମ୍ବୁର ଆବଶ୍ୟକତା ମଧ୍ୟ ବଢୁଛି କିନ୍ତୁ ଲେମ୍ବୁର ଅଭାବି ବିକ୍ରି ଚିନ୍ତାର କାରଣ ପାଲଟିଛି । ଆଗକୁ ବିଭିନ୍ନ ପର୍ବପର୍ବାଣୀ ରହିଥିବାରୁ ଏହାର ଅଭାବ ବେପାରୀଙ୍କ ଠାରୁ ଆରମ୍ଭ କରି ଗ୍ରାହକଙ୍କ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିବାକୁ ଯାଉଛି । ପୂର୍ବରୁ ଖରାଦିନେ ଲେମ୍ବୁ ସର୍ବତ ଦୋକାନ ମାନ କରି କିଛି ଲୋକ ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ । କିନ୍ତୁ ଚଳିତ ବର୍ଷ ଖରାର ପ୍ରଭାବ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଲେମ୍ବୁର ଅଭାବୀ ବିକ୍ରୀ ସାଙ୍ଗକୁ ଚଢା ଦର ଯୋଗୁଁ ଆଉ ଲେମ୍ବୁ ସର୍ବତ ଦୋକାନ ଦେଖିବାକୁ ମିଳୁନି । ବିଭିନ୍ନ ହୋଟେଲ ଏବଂ ରେଷ୍ଟୋରାଁ ଆଦିକୁ ଖାଇବାକୁ ଗଲେ ସାଲାଟ୍‌ରେ ଆଉ ଲେମ୍ବୁ ଦେଖିବାକୁ ମିଳୁନି ।

ବନ୍ତ ବ୍ଲକ ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ ହୋଇଥିବା ବେଳେ ଏଠାକାର ଚାଷୀ ପନିପରିବା ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ବେଳେ ଲେମ୍ବୁ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନଥିବାରୁ ଏହାର ଉତ୍ପାନଦ କମ୍ ହେଉଥିବା ଜଣାପଡ଼ିଛି । ତେଣୁ ବିଭିନ୍ନ କ୍ଷେତ୍ରରେ ଏହାର ଅଭାବ ପରିଲକ୍ଷିତ ହେଉଛି ।



# ଶିଳାନ୍ୟାସର ୫ ବର୍ଷ ପରେ ବି ହୋଇପାରୁନି ସହିଦ ଷ୍ଟାଡିୟମ୍

**ଅସୁରାଳି, ୨୯ ।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ଠାରେ ନିର୍ମାଣାଧୀନ 'ସହିଦ୍ ଷ୍ଟାଡିୟମ୍' ନିର୍ମାଣ ପୂର୍ଣ୍ଣତା ହେବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯାହା ଏ ଅଞ୍ଚଳର କ୍ରୀଡ଼ା ପ୍ରେମୀ ଯୁବକ, ଛାତ୍ରଛାତ୍ରୀଙ୍କୁ ନିରୁତ୍ସାହିତ କରିଛି । ଏହି ଷ୍ଟାଡିୟମ ନିର୍ମାଣ ପାଇଁ ଗତ ୨୦୧୯ ମସିହା ଫେବୃଆରୀ ୧୬ତାରିଖରେ ଶିଳାନ୍ୟାସ ହୋଇଥିଲା । ଶିଳାନ୍ୟାସର କିଛି ଦିନ ପରେ ବିଭାଗ ତରଫରୁ ମାପଚୁପ ଆରମ୍ଭ ହୋଇ ପଡ଼ିଆର ଉଭୟ ପାର୍ଶ୍ୱରେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଓ ପାଚେରୀ ବି କେତେକାଂଶରେ ନିର୍ମାଣ ହେଲା । ହେଲେ ନିର୍ବାଚନ ପରେ ହଠାତ୍ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହେଇଗଲା । ଆଉ କୌଣସି ଠିକାଦାର, ବିଭାଗୀୟ ଅଧିକାରୀଙ୍କ କାହାରି ପାଦ ଏଠି ପଡ଼ିଲା ନାହିଁ । କେବଳ ଦୁଇପାଖରେ ୨ଟି ପାଚେରୀ ପରସ୍ପର ଦିଗରେ ମୁହଁ କରି ନୀରବରେ ଠିଆ ହୋଇଛନ୍ତି । ଆଶ୍ଚର୍ଯ୍ୟର କଥା ହେଲା ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ କେଉଁ ବିଭାଗ ଅନୁଦାନ ଦେଇଛି, କାର୍ଯ୍ୟାଦେଶ କିଏ ପାଇଛି, କେତେ ଟଙ୍କାର ଅନୁଦାନ, କେତେଦିନରେ ସରିବ ତାର କୌଣସି ସୂଚନା ଫଳକ ଏଠାରେ ନାହିଁ । ଏଥିପାଇଁ ଲୋକେ କାହାକୁ ପ୍ରଶ୍ନ କରିବେ, କାହାଠାରୁ ସଠିକ୍ ଉତ୍ତର ପାଇବେ ସେ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି । ଧାମନଗର ବ୍ଲକରେ ଏହି ଷ୍ଟାଡିୟମ ନିର୍ମାଣ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ ଅସୁରାଳି । ସବୁ ଦୃଷ୍ଟିରୁ ବିଚାର କଲେ ଏହା ପ୍ରମୁଖ ସ୍ଥାନ । ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ବେଷ୍ଟ ଇଞ୍ଜିନିୟରିଂ ସ୍କୁଲ, ଆଇଟିଆଇ, ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଅସୁରାଳି ସରକାରି ଉଚ୍ଚ ବିଦ୍ୟାଳୟ, ଦେଶବନ୍ଧୁ ନୋଡାଲ, ସାରଦା ଦେବୀ ମହାବିଦ୍ୟାଳୟ ସହିତ ବିଭିନ୍ନ ଯୁବକ ସଂଘ, ସାମାଜିକ ଅନୁଷ୍ଠାନ ସହିତ ପ୍ରାୟ ୫ଟି ପଞ୍ଚାୟତର କ୍ରୀଡା ପ୍ରେମୀ ଏହି ଷ୍ଟାଡିୟମ ନିର୍ମାଣ ହେଲେ ଉପକୃତ ହେବ । ଶିଳାନ୍ୟାସ ପରେ ସାଧାରଣ ଲୋକ ମାନଙ୍କ ମଧ୍ୟରେ ଯେଉଁ ଆନନ୍ଦ ଓ ଉତ୍ସାହ ସୃଷ୍ଟି ହୋଇଥିଲା ତାହା ଏବେ ନିର୍ମାଣର ସ୍ଥାଣୁତା ପାଇଁ ସେ ଆଶା ନିରାଶାରେ ପରିଣତ ହୋଇଛି । ଏହି ଷ୍ଟାଡିୟମ୍‌କୁ ପୁନଃ ନିର୍ମାଣ ପାଇଁ ଦାବି ହୋଇଛି ।



## ଫଳକ ବଦଳୁନି; ବଦଳୁଛି ସୂଚନା

# ଖେଳ ଉପଯୋଗୀ ହୋଇପାରୁନି ଖେଳପଡ଼ିଆ

**ବନ୍ତ/ଆଗରପଡ଼ା, ୨୯।୩(ସମିସ)**

ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟରେ ଫଳକ ଲେଖାରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି । ଗୋଟିଏ ଫଳକରେ ବିଭିନ୍ନ ଯୋଜନାକୁ ଲେଖି କାମ ସାରିଦେଉଛନ୍ତି ବିଭାଗୀୟ ଅଧିକାରୀ । ଫଳକ ବଦଳୁନି, କିନ୍ତୁ କେବଳ ବଦଳୁଛି ସୂଚନା । ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଓଡ଼ଙ୍ଗ ପଞ୍ଚାୟତରେ ।

ସୂଚନା ଅନୁଯାୟୀ, ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ସତୀ ସାବିତ୍ରୀ ବିଦ୍ୟାପୀଠର ଖେଳପଡ଼ିଆ ଉନ୍ନତିକରଣ ନିମନ୍ତେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ସାଂସଦଙ୍କ ଅନୁଦାନ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟାରମ୍ଭ ହୋଇଥିଲା । ଉକ୍ତ ପ୍ରକଳ୍ପକୁ ଇତି ମଧ୍ୟରେ ୭ବର୍ଷ ବିତିଯାଇଥିଲେ ସୁଦ୍ଧା ପିଲାଙ୍କ ଖେଳ ଉପଯୋଗୀ ହୋଇ ନପାରି ଉକ୍ତ ଖେଳ ପଡ଼ିଆ କେବଳ ଫଳକରେ ସୀମିତ ରହିଯାଇଥିବା ଜଣାପଡ଼ିଥିଲା ଏଠାରେ ବିଭାଗ ତରଫରୁ ସ୍ଥାପିତ ହୋଇଥିବା ସୂଚନା ଫଳକରୁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହିକିଯେ କିଛିଦିନ ହେବ ଉକ୍ତ ଫଳକ ଉପରେ ରଙ୍ଗମାରି ତା' ଉପରେ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗ୍ରାମାଞ୍ଚଳ ଉଦ୍ୟାନ ପଡ଼ିଆର ଉନ୍ନତି କରଣ ହୋଇଥିବା ସୂଚନା ଲିପିବଦ୍ଧ ହୋଇଛି । ଉକ୍ତ ଫଳକରେ କାର୍ଯ୍ୟାରମ୍ଭ ଓ କାର୍ଯ୍ୟ ଶେଷର କୌଣସି ସୂଚନା ନଥିବା ଦେଖିବାକୁ ମିଳିଛି । ପ୍ରକୃତରେ ବିଭାଗ ଉକ୍ତ ସୂଚନା ଫଳକ ମାଧ୍ୟମରେ ସର୍ବସାଧାରଣଙ୍କୁ କ'ଣ ସୂଚାଇବାକୁ ଚାହୁଁଛି ତାହା ବର୍ତ୍ତମାନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ସେହିପରି ଉକ୍ତ ପଞ୍ଚାୟତ ଅନ୍ତର୍ଗତ ତୋଟାସାହି ଠାରେ ଥିବା ତୋଟାସାହି ଖେଳପଡ଼ିଆର ଉନ୍ନତି କରଣ ନିମନ୍ତେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟାରମ୍ଭ ହୋଇଥିଲା । ଉକ୍ତ ଯୋଜନାକୁ ଇତି ମଧ୍ୟରେ ୪ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାର ଉନ୍ନତି କରଣ ସ୍ଥିତିତ୍ୱ ହରାଇଥିବା ଫଳକରେ ସୀମିତ ହୋଇ ରହିଯାଇଥିବା ଜଣାପଡ଼ିଥିଲା । ସରକାରୀସ୍ତରୀୟ କୌଣସି ଉନ୍ନତି ମୂଳକ କାର୍ଯ୍ୟାରମ୍ଭ ହେଲେ କାର୍ଯ୍ୟସ୍ଥଳୀ ନିକଟରେ ଫଳକ ନିର୍ମିତ ହେବା ସହ ସୂଚନା ଲିପିବଦ୍ଧ ହେବା ବାଧ୍ୟତା ମୂଳକ ହୋଇଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ସ୍ଥାପିତ ହୋଇଥିବା ସୂଚନା ଫଳକଟି ତଳେ ଗଳିପଡ଼ିଥିବା ବେଳେ ଉକ୍ତ ଫଳକରେ କାର୍ଯ୍ୟାରମ୍ଭ ଓ କାର୍ଯ୍ୟଶେଷର କୌଣସି ସୂଚନା ନଥିଲା । ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ଗଳି ପଡ଼ିଥିବା ଫଳକକୁ ମରାମତି କରି ନୂତନ ଭାବେ ପୁଣିଥରେ ତୋଟାସାହି ଖେଳପଡ଼ିଆର ଉନ୍ନତି କରଣ ନିମନ୍ତେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବର୍ଷ ୨୦୨୩ ଫେବୃଆରୀ ମାସ ୨୨ ତାରିଖରେ କାର୍ଯ୍ୟାରମ୍ଭ ହୋଇଥିବାର ସୂଚନା ଲିପିବଦ୍ଧ ହୋଇଥିବା ବେଳେ କାର୍ଯ୍ୟ ଶେଷର କୌଣସି ସୂଚନା ନଥିବା ସ୍ଥାପିତ ଫଳକରୁ ଜଣାପଡ଼ିଛି । ଏବଂ ବର୍ତ୍ତମାନ ଉକ୍ତ ଖେଳପଡ଼ିଆ କେବଳ ଅନାବନା ଗଛ ଓ ଗୁଳ୍ମ ଘେରରେ ନିଜର ଉନ୍ନତିକରଣର ସୂଚନା ଦେଉଛି । ଗୋଟିଏ ଫଳକରେ ବିଭିନ୍ନ ଯୋଜନାର ସୂଚନାକୁ ବାରମ୍ବାର ଲେଖି ତା ବାବଦରେ ସରକାରୀ ଅର୍ଥ ହଡ଼ପ ହେଉଛି । ତେଣୁ ସୂଚନା ଫଳକକୁ ପ୍ରହସନରେ ପରିଣତ ନ କରି ସେଥିରେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସର୍ବସାଧାରଣଙ୍କ ନିମନ୍ତେ ସବିଶେଷ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟାରମ୍ଭ ସହ କାର୍ଯ୍ୟ ସରିବାର ସୂଚନା ମଧ୍ୟ ଲିପିବଦ୍ଧ କରିବା ସହ ବିଭିନ୍ନ କାର୍ଯ୍ୟପାଇଁ ଭିନ୍ନଭିନ୍ନ ଫଳକ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।



